# ସତ୍ୟବାକ୍ୟ

# THE WORD OF TRUTH

NOVEMBER & DECEMBER 2016

An Oriya Bimonthly Bulletin
Published by the Church of Christ

THE VOICE OF TRUTH

*Edited and Published By*

***Joshua & Kabita Gootam***

**CHURCH OF CHRIST**

P.O. Box - 80, Kakinada, A.P. 533 001.

Ph : 0884-2363722

**Vol-21. NOV-DEC 2016. No-6**

*Publishe every two months in **Oriya** langage for the Restoration of the pure New Testiment Christianity*

## "I WILL NOT BE NEGLIGENT"

"I will not be negligent to put you always in remembrance of these things, though ye know them, and established in the present truth. I think it meet, as long as I am in this tabernacle, to stir you up by putting you in remembrance" (2 Peter 1:12,13).

These are the words of the aged apostle Peter to all those who have obtained like precious faith. Because of the importance of the things he had just enjoined, he said he would not be negligent to call them to their remembrance. He was speaking primarily of his duty as an inspired teacher of God's word. What a tremendous responsibility this is! And we should never grow weary in doing it. But let us note some other ways in which we should not be negligent.

# ସତ୍ୟବାଣୀ

# VOICE OF TRUTH

**VOL - XXI KAKINADA NOV-DEC-2016**


## ଉପାସନାର ଦିନ

### (The day of worship)

ନୂତନ ନିୟମର ଉପାସନାର ପ୍ରାଧାନ୍ୟତା ସଙ୍ଗେ ସଙ୍ଗେ ଆମ୍ଭେମାନେ କେଉଁ ଦିନରେ ଉପାସନା କରିବା ଆବଶ୍ୟକ ତାହା ମଧ୍ୟ ଜଣାଇ ଦିଆଯାଇଅଛି । ତାହା କେଉଁ ଦିନ ?

ବିଶ୍ରାମ ଦିନ ଉପାସନାର ଦିନ ବୋଲି ଏବେ ପର୍ଯ୍ୟନ୍ତ ଅନେକଙ୍କ ଧାରଣା ରହିଅଛି । କିନ୍ତୁ ୨ୟ କରନ୍ଥୀ ୩, କଲସୀ ୨:୧୪, ଏବ୍ରୀ ୯:୧୬, ୧୭ ପଦନୁଯାୟୀ ପୁରାତନ ନିୟମ ଲୁପ୍ତ ହୋଇଅଛି ବୋଲି ଜାଣିପାରୁ । ଯଦିଓ ପାଉଲ ବିଶ୍ରାମ ଦିନରେ ଯିହୁଦୀମାନଙ୍କ ସହିତ ଭେଟୁଥିଲେ, ସେମାନେ ଈଶ୍ୱରଙ୍କୁ ଉପାସନା କରିବା ନିମନ୍ତେ ସମ୍ମିଳିତ ହେଉଥିଲେ ବୋଲି ବାକ୍ୟ କୁହେ ନାହିଁ । ବିଶ୍ରାମ ଦିନରେ ପାଉଲ ଯିହୂଦୀମାନଙ୍କ ସହିତ ସାକ୍ଷାତ କରିବାର ସୁଯୋଗ ସଦ୍‌ବିନିଯୋଗ କରି ସେମାନଙ୍କୁ ସତ୍ୟ ଶିକ୍ଷା ଦେଉଥିଲେ ।

ଯଦି ବିଶ୍ରାମ ଦିନ ଅନୁଗ୍ରହର ଯୁଗରେ ଉପାସନାର ଦିନ ନୁହେଁ, ତେବେ ସେ ଦିନ କେଉଁ ଦିନ ? ଏହି ପ୍ରଶ୍ନର ଉତ୍ତର ଆମ୍ଭେମାନେ ନୂତନ ନିୟମରେ ପଢ଼ିପାରୁ । ସର୍ବପ୍ରଥମେ, ଆଦିମ ମଣ୍ଡଳୀର ଖ୍ରୀଷ୍ଟିୟାନମାନେ କେଉଁ ଦିନରେ ଉପାସନା ନିମନ୍ତେ ଏକତ୍ରିତ ହେଉଥିଲେ ପ୍ରେରିତମାନଙ୍କ କାର୍ଯ୍ୟାବଳୀର ପୁସ୍ତକରେ ପଢ଼ିପାରୁ । ତ୍ରୋୟା ନାମକ ନଗର ଦେଇ ପ୍ରେରିତ ପାଉଲ ଯାତ୍ରା କରିବା ସମୟରେ ଏକତ୍ରିତ ସେଠା ସ୍ଥିତ ଭାଇମାନଙ୍କ ସହିତ ମିଳି ଉପାସନା କରିବା ନିମନ୍ତେ ସେ କିଛି ଦିନ

ସେଠାରେ ରହିଗଲେ । ୭ମ ବାକ୍ୟ କହେ, ''ସପ୍ତାହର ପ୍ରଥମ ଦିନରେ ଯେତେବେଳ ଆମ୍ଭେମାନେ ରୋଟୀ ଭାଙ୍ଗିବାକୁ ଏକତ୍ରିତ ହୋଇଥିଲୁ, ସେତେବେଳେ ପାଉଲ ପରଦିନ ପ୍ରସ୍ଥାନ କରିବେ ବୋଲି ଉଦ୍ୟତ ହେଉଥିବାରୁ ସେମାନଙ୍କୁ ଉପଦେଶ ନେବାକୁ ଲାଗିଲେ ଓ ଅର୍ଦ୍ଧରାତ୍ର ପର୍ଯ୍ୟନ୍ତ ଦୀର୍ଘ ବକ୍ତୃତା ଦେଲେ । ଏଥି ପୂର୍ବ ପଦ ପ୍ରେରିତ ୨୦:୬ରେ ପ୍ରେରିତ ପାଉଲ ତ୍ରୋୟାରେ ସାତ ଦିନ ଥିଲେ ବୋଲି ଉଲ୍ଲେଖିତ କରାଯାଏ । ଅର୍ଥାତ୍ ସେ ବିଶ୍ରାମ ବାରରେ ସେଠାରେ ଥିଲେ ସୁଦ୍ଧା ସେ ଦିନ ଶିଷ୍ୟମାନଙ୍କ ସହିତ ରୋଟୀ ଭାଙ୍ଗିବାକୁ ଏକତ୍ରିତ ନ ହୋଇ, ସପ୍ତାହର ପ୍ରଥମ ଦିବସରେ ରୋଟୀ ଭାଙ୍ଗିବାକୁ ଏକତ୍ରିତ ହୋଇଥିଲେ ବୋଲି ପଢ଼ିପାରୁ । ଅତଏବ ସପ୍ତାହର ପ୍ରଥମ ଦିନ ଉପାସନାର ଦିବସ ରୂପେ ନୂତନ ନିୟମରେ ନିର୍ମିତ ହୋଇଅଛି ବୋଲି ଜାଣିପାରୁ ।

ତେବେ ପ୍ରଶ୍ନ ଉଠେ, ସପ୍ତାହର ପ୍ରଥମ ଦିନ କେଉଁ ଦିନ ? ବ୍ୟବସ୍ଥାନୁଯାୟୀ ବିଶ୍ରାମବାର ସପ୍ତାହର ସପ୍ତମ ଦିନ ଥିଲା ଓ ସପ୍ତାହର ସାତ ଦିନ ବୋଲି ଆମେ ଜାଣୁ । ବିଶ୍ରାମ ଦିନର ଶେଷରେ ପରବର୍ତ୍ତୀ ସପ୍ତାହର ପ୍ରଥମ ଦିନ ଆସେ ଏବଂ ସେହି ଦିନ ଆମ୍ଭେମାନେ ରବିବାର ରୂପେ ନାମିତ କରିଅଛୁ । ଦ୍ୱିତୀୟ ପ୍ରଶ୍ନ ସପ୍ତାହର ପ୍ରଥମ ଦିନରେ ଆମ୍ଭେମାନେ କାହିଁକି ଉପାସନା କରିବା ଉଚିତ୍ ? ମୋଶାଙ୍କ ବ୍ୟବସ୍ଥାନୁଯାୟୀ ବିଶ୍ରାମବାର ଅର୍ଥାତ୍ ସପ୍ତାହର ଶେଷ ଦିନରେ ଉପାସନା କରାଯାଉଥିଲା । କିନ୍ତୁ ନୂତନ ନିୟମରେ ତାହାଙ୍କ ରାଜ୍ୟ ଓ ନୀତି ସର୍ବପ୍ରଥମେ ଅନ୍ୱେଷଣ କରିବା ନିମନ୍ତେ ଆଜ୍ଞପିତ ହୋଇଅଛୁ । (ମାଥିଉ ୬:୩୩)

ଚାନ୍ଦା ଦେବା ବିଷୟରେ ପ୍ରେରିତ ପାଉଲ କରନ୍ତୀ ମଣ୍ଡଳୀକୁ କହନ୍ତି, ସାଧୁମାନଙ୍କ ନିମନ୍ତେ ଦାନ ସଂଗ୍ରହ ସମ୍ବନ୍ଧରେ ଯେପରି ମୁଁ ଗାଲାତିଆର ମଣ୍ଡଳ ସମୂହକୁ ଆଦେଶ ଦେଇଅଛି, ତୁମ୍ଭେମାନେ ମଧ୍ୟ ସେହିପରି କର । ମୁଁ ଗଲେ ଯେପରି ଦାନ ସଂଗ୍ରହ କରିବାକୁ ପଡ଼ିବ ନାହିଁ, ଏଥି ନିମନ୍ତେ ସପ୍ତାହର ପ୍ରଥମ ଦିନରେ ତୁମ୍ଭେମାନେ ପ୍ରତ୍ୟେକ ଜଣ ଆପଣା ଆପଣା ସୁବିଧା ଅନୁସାରେ ନିଜ ନିଜ ନିକଟରେ କିଛି କିଛି ସଞ୍ଚୟ କରି ରଖ । (୧ମ କରିନ୍ଥୀ ୧୬:୧,୨) । ଆପଣା ଆପଣ ଅଭିବୃଦ୍ଧିନୁସାରେ ସପ୍ତାହର ପ୍ରଥମ ଦିବସରେ ଦାନ ଦେବା ନିମନ୍ତେ କାହିଁକି ଆଜ୍ଞାପି

ହୋଇଥିଲେ ? କାରଣ ତାହା ଉପାସନାର ଦିନ ଏବଂ ପ୍ରଭୁଙ୍କର ଦିନ ଅଟେ । ଅପର ପକ୍ଷରେ କହିବାକୁ ଗଲେ, ଯଦି ବିଶ୍ରାମ ଦିନ ଉପାସନାର ଦିନ ହୋଇଥାନ୍ତା ତେବେ ପାଉଲ ସେମାନଙ୍କୁ ସପ୍ତାହର ପ୍ରଥମ ଦିନରେ ପୁନଃର୍ବାର ଏକତ୍ରିତ ହୋଇ ଦାନ ଦେବା ନିମନ୍ତେ କହି ନ ଥାନ୍ତେ ।

ପ୍ରକାଶିତ ୧:୧୦ ପଦରେ ପ୍ରେରିତ ଯୋହନ କହନ୍ତି, ମୁଁ ପ୍ରଭୁଙ୍କ ଦିନରେ ଆତ୍ମାରେ ଆବିଷ୍ଟ ହୋଇ ମୋହର ପଶ୍ଚାତ୍‌ରେ ତୂରୀ ଶବ୍ଦ ପରି ଗୋଟିଏ ମହାସ୍ୱର ଏହା କହୁଥିବା ଶୁଣିଲି --'' ପ୍ରତ୍ୟେକ ଦିନ ପ୍ରଭୁଙ୍କ ଦତ୍ତ ଅଟେ, କିନ୍ତୁ ସପ୍ତାହର ପ୍ରଥମ ଦିନ ବିଶେଷ ଭାବେ ପ୍ରଭୁଙ୍କ ଦିନ । ଯେହେତୁ ସେହି ଦିନେ ତାହାଙ୍କ ସନ୍ତାନମାନେ ଏକତ୍ରିତ ହୋଇ ତାହାଙ୍କ ଉପାସନା କରନ୍ତି । ଏହି ସପ୍ତାହର ପ୍ରଥମ ଦିନ କିଅବା ପ୍ରଭୁଙ୍କ ଦିନକୁ କାହିଁକି ଏତେ ବିଶିଷ୍ଟତା ଦିଆଯାଏ ? କାରଣ :-

**ଏହା ଖ୍ରୀଷ୍ଟଙ୍କ ମୃତ୍ୟୁରୁ ପୁନଃରୁଥିତ ଦିନ ।**

ଖ୍ରୀଷ୍ଟଙ୍କ ପୁନଃରୁଥାନ ବିଷୟରେ ଲେଖାଯାଏ, ''ବିଶ୍ରାମବାର ଶେଷ ହେଲା ଉତ୍ତାରେ ସପ୍ତାହର ପ୍ରଥମ ଦିବସରେ ପ୍ରତ୍ୟୁଷରେ ମଗଦଲିନୀ ମରିୟମ ଓ ଅନ୍ୟ ମରିୟମ ସମାଧି ଦେଖିବାକୁ ଆସିଲେ । ଆଉ ଦେଖ, ମହା ଭୂମିକମ୍ପ ହେଲା । କାରଣ ପ୍ରଭୁଙ୍କର ଜଣେ ଦୂତ ସ୍ୱର୍ଗରୁ ଓହ୍ଲାଇ ଆସି ସେହି ପଥରଖଣ୍ଡିକ ଗଡ଼ାଇ ଦେଇ ତାହା ଉପରେ ବସିଲେ ।'' (ମାଥିଉ ୨୮:୧-୨) । ସେହିଦିନ ଅର୍ଥାତ୍ ସପ୍ତାହର ପ୍ରଥମ ଦିନ ସନ୍ଧ୍ୟା ସମୟରେ ଯେତେବେଳେ ଶିଷ୍ୟମାନେ ଯେଉଁ ଗୃହରେ ଥିଲେ, ସେଥିର ଦ୍ୱାରଗୁଡ଼ିକ ଯିହୂଦୀମାନଙ୍କ ଭୟରେ ରୁଦ୍ଧ ଥିଲା, ସେତେବେଳେ ଯୀଶୁ ଆସି ମଧ୍ୟସ୍ଥଳରେ ଠିଆ ହୋଇ ସେମାନଙ୍କୁ କହିଲେ, ତୁମ୍ଭମାନଙ୍କର ଶାନ୍ତି ହେଉ । (ଯୋହନ ୨୦:୧୯)

**ସପ୍ତାହର ପ୍ରଥମ ଦିଦନରେ ଯୀଶୁ ଆପଣା ଶିଷ୍ୟମାନଙ୍କୁ ୨ୟ ଥର ଦର୍ଶନ ଦେଇଥିଲେ ।**

ଯୀଶୁ ସପ୍ତାହର ପ୍ରଥମରେ ମୃତ୍ୟୁଞ୍ଜୟୀ ହେବା ସଙ୍ଗେ ସଙ୍ଗେ ସେହିଦିନ ସନ୍ଧ୍ୟାରେ ତଥା ତତ୍‌ପରବର୍ତ୍ତୀ ସପ୍ତାହର ପ୍ରଥମ ଦିବସରେ ଶିଷ୍ୟମାନଙ୍କୁ ଦର୍ଶନ ଦେଇଥିଲେ । ''ଆଠଦିନ ପରେ ତାହାଙ୍କ ଶିଷ୍ୟମାନେ ପୁନର୍ବାର ଭିତରେ ଥିଲେ ଓ

ଥୋମା ସେମାନଙ୍କ ସାଙ୍ଗରେ ଥିଲେ । ଦ୍ୱାରସବୁ ରୁଦ୍ଧ ଥିବା ସମୟରେ ଯୀଶୁ ଆସି ମଧ୍ୟସ୍ଥଳରେ ଠିଆ ହୋଇ କହିଲେ ତୁମ୍ଭମାନଙ୍କର ଶାନ୍ତି ହେଉ । ସପ୍ତାହର ପ୍ରଥମ ଦିବସରେ ବାକ୍ୟରେ ପୁନଃରାବୃତ୍ତି ହେବାର ଉଦ୍ଦେଶ୍ୟ କଅଣ ହୋଇପାରେ ? ସେହି ଦିବସ ଆମ୍ଭମାନଙ୍କ ଜୀବନ ନିମନ୍ତେ ଏକ ବିଶିଷ୍ଟ ଦିନ ହୋଇଥିବାରୁ, ଏହାର ଉଲ୍ଲେଖନ ବାରମ୍ବାର ବାକ୍ୟରେ ପଢ଼ିପାରୁ ।

**ସପ୍ତାହର ପ୍ରଥମ ଦିବସରେ ମଣ୍ଡଳୀ ସ୍ଥାପିତ ହୋଇଥିଲା (ପ୍ରେରିତ ୨ୟ ଅଧ୍ୟାୟ)**

ନିସ୍ତାର ବର୍ଷ ଦିବସ ଅର୍ଥାତ୍ ଖ୍ରୀଷ୍ଟଙ୍କ ପୁନଃରୁତ୍ଥାନର ଦିବସର ପଚାଶତମ ଦିନ ପେଣ୍ଟିକଷ୍ଟ ଦିନ ଅଟେ । ଅତଏବ ପୁନଃରୁତ୍ଥାନର ଦିନ ସପ୍ତାହର ପ୍ରଥମ ଦିନ ଥିବାରୁ ପଚାଶତମ ଦିନ ମଧ୍ୟ ସପ୍ତାହର ପ୍ରଥମ ଦିବସ ଅଟେ । ଏହି ବିଶେଷ ଦିନରେ ଖ୍ରୀଷ୍ଟଙ୍କ ମଣ୍ଡଳୀ ସ୍ଥାପିତ ହୋଇଥିଲା । ୨ୟରେ ଏହି ଦିନରେ ପବିତ୍ର ଆତ୍ମା ପ୍ରେରିତମାନଙ୍କ ଉପରେ ଅବତରଣ କରିଥିଲେ । ପରିତ୍ରାଣ ଦାୟକ ପ୍ରଥମ ସୁସମାଚାର ଏହି ଦିନରେ ପ୍ରେରିତ ପିତର ବିଭିନ୍ନ ଭାଷାବାଦୀ ଯିହୂଦୀ ଜନତାକୁ ପ୍ରଚାରିତ ହୋଇଥିଲେ । ସେହି ସପ୍ତାହର ପ୍ରଥମ ଦିବସରେ ତିନି ସହସ୍ର ଲୋକେ ବାପ୍ତିଜିତ ହୋଇ ମଣ୍ଡଳୀରେ ସଂଯୁକ୍ତ କରାଯାଇଥିଲେ । ଏତେଗୁଡ଼ିଏ ବିଶିଷ୍ଟ ଘଟଣାବଳୀ ଘଟିଥିବା ସପ୍ତାହର ପ୍ରଥମ ଦିବସକୁ କି ଆମ୍ଭେମାନେ ମାନ୍ୟ ନ କରୁ !

ଉପରୋକ୍ତ କାରଣଗୁଡ଼ିକରୁ ଖ୍ରୀଷ୍ଟିୟାନମାନେ ସପ୍ତାହର ପ୍ରଥମ ଦିନରେ ଏକତ୍ରିତ ହୋଇ ତାହାଙ୍କ ଉପାସନା କରିବା ସଦାପ୍ରଭୁ ନିର୍ଣ୍ଣୟ କରିଅଛନ୍ତି ବୋଲି ଜାଣିପାରୁ । ଆଦିମ ଖ୍ରୀଷ୍ଟିୟାନମାନଙ୍କ ଆଦର୍ଶ ଅନୁସରଣ କରି, ଆସ ଆମ୍ଭେମାନେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗୀ, ସମାଧି ପ୍ରାପ୍ତ ହୋଇ ସପ୍ତାହର ପ୍ରଥମ ଦିବସରେ ପୁନଃରୁତ୍ଥିତ ଯୀଶୁଖ୍ରୀଷ୍ଟଙ୍କୁ ସ୍ମରଣ କରି ପିତା ପରମେଶ୍ୱରଙ୍କ ଉପାସନା କରୁ ।

**- J.C. Choate**

❋ ❋ ❋

# ନାମରେ ଅବା କଅଣ ଅଛି ?
## (Is there anything in a name)

ଉପରୋକ୍ତ ପ୍ରଶ୍ନ ଅନେକ ମତଭେଦର କାରଣ ହୋଇ ଆସୁଅଛି । ଏହି ପ୍ରଶ୍ନର ଉତ୍ତର ଅନେକ ଭାବେ ବିଭେଦ ଖ୍ରୀଷ୍ଟିୟ ଜଗତରେ ଏକତା ଆଣିପାରିବ । ତେଣୁକରି ସମସ୍ତ ପ୍ରକାର ଗର୍ବ, ଅଭିମାନ ଓ ଅହଂକାର ତ୍ୟାଗ କରି ଏହି ପ୍ରଶ୍ନର ଉତ୍ତର ବାଇବଲର ଲିଖିତ ପୃଷ୍ଠାଗୁଡ଼ିକରୁ ଖୋଜି ବାହାର କରିବା ।

**ନାମର ବିଶିଷ୍ଟତା ଅଛି :** ( ୧ ) ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ନାମର ସ୍ଥାନ ଅତି ନ୍ୟୁତ । ବ୍ୟାଙ୍କ କାଗଜପତ୍ରରେ ନାମ ଲେଖା ନଥିଲେ ତାହା ଅଚଳ ହୋଇଯାଏ । ( ୨ ) ନାମ ଦ୍ୱାରା ବସ୍ତୁ ବ୍ୟକ୍ତି ଓ ସ୍ଥାନଗୁଡ଼ିକର ପରିଚୟ ପାଇଥାଉଁ । ନାମ ବ୍ୟତୀତ ଆମ୍ଭେମାନେ ବିଭିନ୍ନ ବସ୍ତୁ, ବ୍ୟକ୍ତି, ସ୍ଥାନଗୁଡ଼ିକର ବିଷୟରେ ଜାଣିବା ଓ ଚିହ୍ନିବା ଅସମ୍ଭବ । (୩) ପାରିବାରିକ ଜୀବନରେ ମଧ୍ୟ ନାମର ବିଶିଷ୍ଟତା ରହିଅଛି । ବିବାହିତ ସ୍ତ୍ରୀ ଆପଣା ସ୍ୱାମୀଙ୍କ ନାମ, ସମ୍ମାନ ଓ ଗର୍ବ ସହକାରେ ଧାରଣ କରନ୍ତି । (୪) ବିଜ୍ଞାନ, ସଂଗୀତ, କଥା କ୍ଷେତ୍ରରେ ମଧ୍ୟ ନାମର ଏକ ବିଶିଷ୍ଟ ସ୍ଥାନ ଅଛି ।

ଜୀବନର ଅନ୍ୟାନ୍ୟ କ୍ଷେତ୍ରରେ ନାମର ବିଶିଷ୍ଟତା ଥିବା ବେଳେ ଧର୍ମ ଜଗତରେ କି ତାହା ମୂଲ୍ୟହୀନ ?

**ବାଇବଲରେ ନାମର ବିଶିଷ୍ଟତା :** ( ୧ ) ସୃଷ୍ଟିର ପ୍ରତ୍ୟେକ ବିଷୟ ନାମ ଦ୍ୱାରା ପରିଚିତ କରାଯାଇଥିଲେ । "ଆଉ ସଦାପ୍ରଭୁ ପରମେଶ୍ୱର ଭୂମିରୁ ବିଲର ପଶୁଗଣ ଓ ଖେଚର ପକ୍ଷୀଗଣ ନିର୍ମାଣ କରି ଆଦମ ସେମାନଙ୍କୁ କି ନାମ ଦେବେ, ଏହା ଜାଣିବାପାଇଁ ସମସ୍ତଙ୍କୁ ତାଙ୍କ ନିକଟକୁ ଆଣିଲେ । ତହିଁରେ ଆଦମ ସେହି ପ୍ରାଣୀବର୍ଗ ମଧ୍ୟରୁ ଯାହାକୁ ଯେଉଁ ନାମ ଦେଲେ, ତାହାର ସେହି ନାମ ହେଲା । ( ୨ ) ବାଇବଲର କେତେକ ବ୍ୟକ୍ତିଙ୍କ ନାମ ପିତା ପରମେଶ୍ୱର ବଦଳାଇ ଦେଇ ସେମାନଙ୍କ କାର୍ଯ୍ୟ ଓ ବ୍ୟକ୍ତିତ୍ୱ ପ୍ରକଟ କରୁଥିବା ଅନ୍ୟ ନାମରେ ନାମିତ କରିଥିଲେ । ଅବ୍ରାମ (ଅର୍ଥାତ୍ ମହାପିତା)ଙ୍କ ନାମ ବଦଳରେ ସେ ତାହାଙ୍କ ନାମ ଆବ୍ରାହାମ (ବହୁଲୋକର ପିତା) ରଖିଥିଲେ । ଯାକୁବ (ଅର୍ଥାତ୍ ପଦା ପ୍ରହାରକ)ଙ୍କ ନାମକୁ ବଦଳାଇ ଇସ୍ରାଏଲ୍ (ଅର୍ଥାତ୍

ପରମେଶ୍ୱରଙ୍କ ସହିତ ଯୋଗ୍ଯା) ରଖିଲେ । (ଆଦି ୧୭:୧-୫ ଓ ୩୫:୧୦) । (୩) ପ୍ରଭୁଯୀଶୁ ଶିମୋନ ପିତରଙ୍କ ନାମ ବଦଳାଇ କେଫା ରଖିଥିଲେ ''ଯୀଶୁ ତାଙ୍କୁ ଏକଦୃଷ୍ଟିରେ ଚାହିଁ କହିଲେ ତୁମ୍ଭେ ଯୋହନଙ୍କ ପୁତ୍ର ଶିମୋନ । ତୁମ୍ଭେ କେଫା (ଅନୁବାଦ କଲେ ଏହାର ଅର୍ଥ ପିତର) ନାମରେ ଖ୍ୟାତ ହେବ । ''ପିତର'' ଯାହାର ଅର୍ଥ ଛୋଟ ପଥର ତାହାଙ୍କ ଉପରେ ମଣ୍ଡଳୀ ସ୍ଥାପିତ ହୋଇନାହିଁ । କିନ୍ତୁ ଯୀଶୁଖ୍ରୀଷ୍ଟଙ୍କ ଉପରେ ସ୍ଥାପିତ ହୋଇଅଛି, ସେ ମଣ୍ଡଳୀର ପ୍ରଧାନ ଭିତ୍ତିମୂଳ ଅଟନ୍ତି ( ୧ମ କରିନ୍ଥୀ ୩: ୧୧ ) ନର ଠାରୁ ନୀତା ନାରୀ ନାମରେ ନାମିତ ହୋଇଥିଲେ । (ଆଦି ୨ : ୨୩) ଯୀଶୁଖ୍ରୀଷ୍ଟ ଜଣେ ଜନ୍ମାନ୍ଧକୁ ଶିଲୋହ (ଅନୁବାଦ କଲେ ଏହାର ଅର୍ଥ ପ୍ରେରିତ) ପୋଖରୀରେ ଧୋଇ ଦେବା ନିମନ୍ତେ ଆଦେଶ ଦେଇଥିଲେ । ଯୀଶୁଖ୍ରୀଷ୍ଟ କୃଶାର୍ପିତ ହୋଇଥିବା ସ୍ଥାନର ନାମ ଗୋଲଗଥା ଯାହାର ଅର୍ଥ କପାଳ ସ୍ଥଳ ।

ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ବିଭିନ୍ନ ନାମଗୁଡ଼ିକରେ ମଧ୍ୟ ବିଶିଷ୍ଟତା ରହିଅଛି । ଗାବ୍ରିଏଲ ଦୂତ କନ୍ୟା ମରିୟମଙ୍କୁ କହିଲେ, ''....ଆଉ ତୁମ୍ଭେ ତାହାଙ୍କ ନାମ ଯୀଶୁ ଦେବ, କାରଣ ସେ ଆପଣା ଲୋକଙ୍କୁ ସେମାନଙ୍କର ସମସ୍ତ ପାପରୁ ପରିତ୍ରାଣ କରିବ । (ମାଥିଉ ୧ : ୨୧ ) । ଏବ୍ରୀ ପଦ 'ମଶୀହ'ର ଅର୍ଥ 'ଖ୍ରୀଷ୍ଟ' ଅର୍ଥାତ୍ ଅଭିଷିକ୍ତ (ଯୋହନ ୧ : ୪୧ ) ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟ ପ୍ରଭୁ ନାମରେ ଖ୍ୟାତ, କାରଣ ସମସ୍ତ ଆଧିପତ୍ୟ ତାହାଙ୍କର । ପାପୀମାନଙ୍କ ପରିତ୍ରାଣ ନିମନ୍ତେ ସେ ଆପଣାକୁ କୃଶାର୍ପିତ କରିଥିଲେ । ସେ ପୁରାତନ ନିୟମର ଭବିଷ୍ୟଦବାଣୀ ସକଳ ସଫଳ କରିଥିଲେ । ପୃଥିବୀରେ ପାପକ୍ଷମା କରିବାକୁ କେବଳ ତାହାଙ୍କର ଅଧିକାରଥିବାରୁ ସେ ଆମ୍ଭମାନଙ୍କ 'ପ୍ରଭୁ' ଯୀଶୁ 'ଖ୍ରୀଷ୍ଟ' ଅଟନ୍ତି ।

ପୁରାତନ ନିୟମ ସମୟରେ ମୋଶାଙ୍କୁ ସଦାପ୍ରଭୁ କହିଲେ, ''ତୁମ୍ଭେ ଆମ୍ଭ ନିମନ୍ତେ ଏକ ମୃତ୍ତିକାର ବେଦୀ ନିର୍ମାଣ କରିବ, ପୁଣି ତହିଁ ଉପରେ ତୁମ୍ଭର ମେଷଗବାଦି ହୋମବଳି ଓ ମଙ୍ଗଳାର୍ଥକ ବଳି ଉତ୍ସର୍ଗ କରିବ, ଆମ୍ଭେ ଯେଉଁ ପ୍ରତ୍ୟେକ ସ୍ଥାନରେ ତୁମ୍ଭ ନିକଟକୁ ଆସି ତୁମ୍ଭକୁ ଆଶୀର୍ବାଦ କରିବା । (ଯାତ୍ରା ୨୦ : ୨୪) । ''ସଦାପ୍ରଭୁଙ୍କ ନାମ ଦୃଢ଼ ଗଡ଼, ଧାର୍ମିକ ଲୋକ ତହିଁକି ପଳାଇ ରକ୍ଷା ପାଏ । (ହିତ ୧୮ : ୧୦)

## ମଣ୍ଡଳୀର ନାମଗୁଡ଼ିକ :

ନୂତନ ନିୟମରେ ମଣ୍ଡଳୀକୁ ଅନେକ ନାମରେ ନାମିତ କରାଯାଇଅଛି । ପ୍ରତ୍ୟେକ ନାମର ଏକ ଆତ୍ମୀୟ ଅର୍ଥ ଅଛି । ମଣ୍ଡଳୀ ଖ୍ରୀଷ୍ଟଙ୍କର ତାହା 'ଖ୍ରୀଷ୍ଟଙ୍କ ମଣ୍ଡଳୀ' ବୋଲି ନାମିତ ହେବାରେ କିଛି ଆଶ୍ଚର୍ଯ୍ୟ ବିଷୟ ନୁହେଁ ।

କ) ମଣ୍ଡଳୀ ଖ୍ରୀଷ୍ଟଙ୍କର ଅଟେ (ମାଥିଉ ୧୬:୧୮) ।

ଖ) ତାହା ସେ ସ୍ଥାପିତ କରିଥିଲେ (ମାଥିଉ ୧୬:୧୮) ।

ଗ) ଖ୍ରୀଷ୍ଟ ମଣ୍ଡଳୀର ମସ୍ତକ ସ୍ୱରୂପ ଅଟନ୍ତି ।

ଘ) ସେ ତାହାର ଭିତ୍ତିମୂଳ ଅଟନ୍ତି ।

ଙ) ସେ ମଣ୍ଡଳୀକୁ ଆପଣା ରକ୍ତ ଦ୍ୱାରା କ୍ରୟ କରିଥିଲେ । (ପ୍ରେରିତ ୨୦:୨୮)

ଚ) ମଣ୍ଡଳୀ, ଖ୍ରୀଷ୍ଟଙ୍କ ଶରୀର ଅଟେ । (ଏଫିସୀ ୧:୨୨,୨୩) ।

ଛ) ଖ୍ରୀଷ୍ଟ ମଣ୍ଡଳୀର ତ୍ରାଣକର୍ତ୍ତା ଅଟନ୍ତି । (ଏଫିସୀ ୫:୨୩) ।

ଜ) ମଣ୍ଡଳୀ ରୂପ ରାଜ୍ୟର ସେ ରାଜା ଅଟନ୍ତି । (ମାଥିଉ ୧୬:୧୯, ଯୋହନ ୧୮:୩୬) ।

## ମଣ୍ଡଳୀ ନିମ୍ନଲିଖିତ ନାମରେ ମଧ୍ୟ ପରିଚିତ ।

୧) ବିଶ୍ୱାସୀମାନଙ୍କ ଗୃହ (ଗାଲାତୀ ୬:୧୦) ।

୨) ପ୍ରିୟତମ ପୁତ୍ରଙ୍କ ରାଜ୍ୟ (କଲସୀ ୧:୧୩) ।

୩) ଈଶ୍ୱରଙ୍କ ଗୃହ (୧ମ ତୀମଥି ୩:୧୫) ।

୪) ଈଶ୍ୱରଙ୍କ ମଣ୍ଡଳୀ (୧ମ କରିନ୍ଥୀ ୧:୨) ।

୫) ଖ୍ରୀଷ୍ଟଙ୍କ ଶରୀର (୧ମ କରିନ୍ଥୀ ୧୨:୨୭) ।

୬) ମଣ୍ଡଳୀ (ପ୍ରେରିତ ୮:୧, ୯:୩୧) ।

୭) ସ୍ଥାନୀୟ ଅନେକ ମଣ୍ଡଳୀଗୁଡ଼ିକୁ ପ୍ରେରିତ ପାଉଲ 'ଖ୍ରୀଷ୍ଟଙ୍କର ସମସ୍ତ ମଣ୍ଡଳୀ' ବୋଲି ରୋମୀୟ ୧୬:୧୬ ପଦରେ କହିଅଛନ୍ତି ।

ଏହି ନାମଗୁଡ଼ିକ ଖ୍ରୀଷ୍ଟଙ୍କ ସ୍ଥାପିତ ଏକମାତ୍ର ମଣ୍ଡଳୀ ବିଭିନ୍ନ ନାମ । (୧ମ କରିନ୍ଥୀ ୧୨:୨୦) । ସିଦ୍ଧାନ୍ତରେ, ଉପାସନାରେ, କାର୍ଯ୍ୟ ନିର୍ବାହତାରେ ବାକ୍ୟାନୁଯାୟୀ ହୋଇ, ନାମ ବିଷୟରେ ବାକ୍ୟ ଅନୁସରଣ ନ କରିବା ମୁର୍ଖତାର ବିଷୟ । ଯେଉଁ ନାମଗୁଡ଼ିକ ବାଇବଲରେ ଲିଖିତ ହୋଇନାହିଁ ତାହା ଗ୍ରହଣ କରି, ଅନୁସରଣ କରି ମନୁଷ୍ୟମାନେ ଆପଣା ଅବଜ୍ଞତାର ପରିଚୟ ଦେଇଥାନ୍ତି ।

ଯଥାର୍ଥ ନାମ ବହନ କରିବାର ଅର୍ଥ ପରମେଶ୍ୱରଙ୍କ ଇଚ୍ଛା ପାଳନ କରିବା । ଜଣେ ଯଥାର୍ଥ କିଅବା ଅଯଥାର୍ଥ ନାମ ବହନ କରିଥାଏ । କୌଣସି ପଦାର୍ଥ ବା ଜନ୍ତୁକୁ ତାହାର ଯଥାର୍ଥ ନାମ ବ୍ୟବହାର ନ କଲେ ଅସୁବିଧା ସମ୍ମୁଖୀନ ହୋଇଥାଉଁ । ଠିକ୍ ସେହିପରି ଧର୍ମ ଜଗତରେ ମଧ୍ୟ ଆମ୍ଭେମାନେ ହୁଏତ ଯଥାର୍ଥ ନାମ ବହନ କରିଅଛୁ ଅଥବା ଅଯଥାର୍ଥ ନାମ ବହନ କରିଅଛୁ ।

ନାମର କେତେ ବିଶିଷ୍ଟତା ରହିଅଛି । ଅଯଥାର୍ଥ ନାମ ବହନ କରି ଆମ୍ଭେମାନେ କିପରି ପରମେଶ୍ୱରଙ୍କ ଦୃଷ୍ଟିରେ ଯଥାର୍ଥ ହୋଇପାରିବା ? ଯଥାର୍ଥ ନାମ ବହନ କରି ମଧ୍ୟ ଲୋକେ ପରମେଶ୍ୱରଙ୍କ ଦୃଷ୍ଟିରେ ଅଯଥାର୍ଥ ଭାବେ ଜୀବନଯାପନ କରିବା ବିଷୟ ସତ, କିନ୍ତୁ ତାହାଙ୍କ ଦୃଷ୍ଟିରେ ଯଥାର୍ଥତା ହାସଲ କରିବା ନିମନ୍ତେ ଆମ୍ଭମାନଙ୍କୁ ଯଥାର୍ଥ ନାମ ବହନ କରିବା ଆବଶ୍ୟକ ।

## ମତ ଶାଖାର ନାମଗୁଡ଼ିକ :

ଆଜି ଖ୍ରୀଷ୍ଟିୟ ଜଗତରେ ଅନେକ ନାମ ଦେଖିପାରୁ, ଯେଉଁଗୁଡ଼ିକ ନିୟମରେ ଲିଖିତ ହୋଇନାହିଁ । ଯେଉଁମାନେ ଆପଣା ଇଚ୍ଛାନୁଯାୟୀ ନାମ ଧାରଣ କରନ୍ତି, ବାଇବଲରେ ଉଲ୍ଲେଖିତ ନାମର ଗୌରବ ଦିଅନ୍ତି ନାହିଁ ବୋଲି ଜାଣିପାରୁ ।

ଗୋଲାପ ଫୁଲକୁ ଯେକୌଣସି ନାମରେ ନାମିତ କଲେ ମଧ୍ୟ ତାହାର ସୁବାସନା କିଞ୍ଚିତ ମାତ୍ର କମ୍ ହେବ ନାହିଁ ବୋଲି କବି Shakespear ମତ ପ୍ରକାଶ କରିଥିଲେ । ଏହି ମତ ଉପରେ ଆଧାରିତ ହୋଇ ଲୋକେ ଖ୍ରୀଷ୍ଟଙ୍କ ମଣ୍ଡଳୀକୁ ଆପଣା ଇଚ୍ଛାନୁଯାୟୀ ନାମିତ କରିଥାନ୍ତି । କିନ୍ତୁ ଯଦିଓ ଅନ୍ୟ ନାମରେ ଗୋଲାପ ଆପଣା ସୁବାସନା ହରାଇ ନଥାଏ । ତଥାପି ଗୋଲାପକୁ ଗୋଲାପ ନ କହି ଅନ୍ୟ ନାମରେ ନାମିତ୍ କରିବା ଯୁକ୍ତିଯୁକ୍ତ ନୁହେଁ ।

ଅନେକ ବାଇବଲ ଆପଣା ପିତାମାତାଙ୍କୁ ସମାଦର କରିବା ନିମନ୍ତେ ସେମାନଙ୍କୁ ସଂଯୁକ୍ତ କରାଯାଇଥିବା ମଣ୍ଡଳୀରେ ଯୋଗଦାନ ଦିଅନ୍ତି ।

ଅନେକ ବାଇବଲ ଲିଖିତ ଅନ୍ୟାନ୍ୟ ନାମଗୁଡ଼ିକ ଦ୍ୱାରା ଆପଣା ମଣ୍ଡଳୀର ନାମ ରଖନ୍ତି । ଉଦାହରଣ ସ୍ୱରୂପ, ''ବେଥ୍ ସାଇଦା ମଣ୍ଡଳୀ'' ବା ''ଫିଲେଡେଲଫିଆ'' ମଣ୍ଡଳୀ ପ୍ରଭୃତି ।

ଆହୁରି ଅନ୍ୟ ବର୍ଗ ଲୋକେ ଆପଣା ମଣ୍ଡଳୀର ନାମ କରନ୍ତି ଏହିପରି ବର୍ଗର ଲୋକଙ୍କୁ ପ୍ରେରିତ ପାଉଲ ୧ମ କରିନ୍ଥୀ ୧:୧୦–୧୩ ପଦଗୁଡ଼ିକରେ ନିନ୍ଦା କରନ୍ତି । ଆପଣା ଆପଣାକୁ ବିଭକ୍ତ କରୁଥିବା କରିନ୍ଥୀ ଖ୍ରୀଷ୍ଟିୟାନମାନଙ୍କୁ ପାଉଲ କହନ୍ତି, ''ଯେହେତୁ ଯେତେବେଳେ ଜଣେ କୁହେ, ମୁଁ ପାଉଲଙ୍କର, ପୁଣି ଆଉ ଜଣେ କୁହେ, ମୁଁ ଆପଲଙ୍କର, ସେତେବେଳେ ତୁମ୍ଭେମାନେ କି ଶାରୀରିକ ନୁହେଁ ? ଆପଲ କିଏ ପାଉଲ ବା କିଏ ? ସେମାନେ ତ ସେବକ ମାତ୍ର ଯେଉଁମାନଙ୍କ ଦ୍ୱାରା ପ୍ରତ୍ୟେକଙ୍କୁ ପ୍ରଭୁ ଯେପରି ଦେଇଅଛନ୍ତି, ତଦାନୁସାରେ ତୁମ୍ଭେମାନେ ବିଶ୍ୱାସ କରିଅଛ ।

**ମତଶାଖା ନାମଗୁଡ଼ିକର ନିସାରତା :**

୧) ମତଶାଖାର ନାମଗୁଡ଼ିକ ବିଶ୍ୱାସର ପ୍ରତିଫଳ ନୁହେଁ । କାରଣ, ''ବିଶ୍ୱାସ ଶ୍ରବଣରୁ ଜାତ ହୁଏ ଓ ଶ୍ରବଣ ଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା ହୁଏ ।'' (ରୋମୀୟ ୧୦:୧୭) । କିନ୍ତୁ ଧର୍ମ ସମ୍ବନ୍ଧୀୟ ବିଷୟ ଗୁଡ଼ିକରେ ଆମ୍ଭେମାନେ ଦୃଶ୍ୟ ବିଷୟ ଦେଇ ଜୀବନଯାପନ ନ କରି ବିଶ୍ୱାସରେ ଜୀବନଯାପନ କରୁଅଛୁ । (୨ କରିନ୍ଥୀ ୫:୭)

୨) ଖ୍ରୀଷ୍ଟଙ୍କ ଅନୁସରଣମାନେ ଖ୍ରୀଷ୍ଟିୟାନ ନାମରେ ପରିଚିତ ନ ହୋଇ ଅନ୍ୟ ନାମରେ ପରିଚିତ ହେବା ଦ୍ୱାରା ଖ୍ରୀଷ୍ଟଙ୍କ ନାମକୁ ଦେବା ଗୌରବ ଅପହରଣ କରନ୍ତି ।

୩) ''ହେ ଭାଇମାନେ ମୁଁ ତୁମ୍ଭମାନଙ୍କୁ ଶିକ୍ଷାଦେବା ନିମନ୍ତେ ଏହିସବୁ କଥା ମୋ ନିକଟକୁ ଓ ଆପଲ୍ଲଙ୍କୁ ଲକ୍ଷ୍ୟ କରି ଦୃଷ୍ଟାନ୍ତ ଦେଲି, ଯେପରି ''ଯାହା ଲିଖିତ ଅଛି ତାହାର ଅତିକ୍ରମ କରିନାହିଁ, ଏହା ତୁମ୍ଭେମାନେ ଆମ୍ଭମାନଙ୍କ ଠାରୁ ଶିକ୍ଷାକର, ପୁଣି ଯେପରି ତୁମ୍ଭମାନଙ୍କ ମଧ୍ୟରୁ କେହି ଜଣକର ସପକ୍ଷ ଓ ଅନ୍ୟ ଜଣଙ୍କ ବିପକ୍ଷ ହୋଇ ଗର୍ବୀ ନ ହୁଅ ।'' (୧ମ କରିନ୍ଥୀ ୪:୬) । ବିଭିନ୍ନ ନାମରେ ବିଭକ୍ତ ହୋଇ ''ଆଜ୍ଞା

ଅତିକ୍ରମ'' କରିବାର ପାପ ବିଷୟରେ ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀକୁ ଏଠାରେ ଦର୍ଶାଇ ଅଛନ୍ତି ।

୪) ବିଭିନ୍ନ ନାମ ଖ୍ରୀଷ୍ଟୀୟ ଜଗତକୁ ବିଭକ୍ତ କରେ । ''ଖ୍ରୀଷ୍ଟିୟାନ'' ନାମ ହିଁ କେବଳ ଖ୍ରୀଷ୍ଟୀୟ ଜଗତରେ ଏକତା ଆଣିପାରେ । ଖ୍ରୀଷ୍ଟ ଜଗତରେ ବିଭିନ୍ନତା ଅସ୍ଥିରତା ଆଣୁଥିବା ଲୋକ ସ୍ୱର୍ଗ ରାଜ୍ୟର ଅଧିକାରୀ ହୋଇପାରିବେ ନାହିଁ ।'' (ଗାଲାତୀ ୫:୧୯-୧୨)

୫) ବିଭକ୍ତିକରଣରେ ନିନ୍ଦା କରି ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀକୁ କହନ୍ତି, ''ହେ ଭାଇମାନେ'' ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛି, ଯେପରି ତୁମ୍ଭେମାନେ ସମସ୍ତେ ଏକ କଥା କୁହ, ଆଉ ତୁମ୍ଭମାନଙ୍କ ମଧ୍ୟରେ ଦଳଭେଦ ନ ହୁଏ, କିନ୍ତୁ ତୁମ୍ଭେମାନେ ଏକ ମନରେ ଓ ଏକ ବିଚାରରେ ସମ୍ମିଳିତ ହୁଅ । କାରଣ ହେ ମୋହର ଭାଇମାନେ, ଖ୍ଲୋୟୀଙ୍କ ପରିଚିନଙ୍କ ଠାରୁ ତୁମ୍ଭମାନଙ୍କ ସମ୍ବନ୍ଧରେ ମୋ ନିକଟରେ ଏହା ପ୍ରକାଶ ପାଇଅଛି ଯେ, ତୁମ୍ଭମାନଙ୍କ ମଧ୍ୟରୁ କେହି କେହି କହନ୍ତି, ମୁଁ କେଫାଙ୍କର ଆଉ କେହି କେହି କହନ୍ତି ମୁଁ ଖ୍ରୀଷ୍ଟଙ୍କର । ଖ୍ରୀଷ୍ଟ କି ବିଭକ୍ତ ହୋଇଅଛନ୍ତି ? ତୁମ୍ଭମାନଙ୍କ ନିମନ୍ତେ କି ପାଉଲ କ୍ରୁଶରେ ହତ ହୋଇଥିଲା ? କିମ୍ବା ତୁମ୍ଭେମାନେ କି ପାଉଲ ନାମରେ ବାପ୍ତିଜିତ ହୋଇଥିଲ ? (୧ମ କରିନ୍ଥୀ ୧:୧୦-୧୩) ଉପରୋକ୍ତ ବାକ୍ୟରେ ତଥା ଅନ୍ୟାନ୍ୟ ବାକ୍ୟରେ ଧର୍ମଜଗତରେ ବିଭେଦକୁ ନିନ୍ଦା କରାଯାଇଅଛି । ଧର୍ମନେତାଙ୍କ ନାମରୁ ସିଦ୍ଧାନ୍ତ ନାମରେ କିଅବା ଅନ୍ୟ କୌଣସି ନାମରେ ବିଭେଦତା ଆଣିବା ଭ୍ରାନ୍ତ ଜନକ । ପାଉଲ ପିତର କିଅବା ଆପଲ୍ଲ ଆମ୍ଭମାନଙ୍କ ନିମନ୍ତେ କ୍ରୁଶୀୟ ମୃତ୍ୟୁ ଭୋଗି ନ ଥିଲେ । କିନ୍ତୁ ଆମ୍ଭମାନଙ୍କ ପାପ ମୋଚନ ନିମନ୍ତେ ପରାତ୍ପର ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର କ୍ରୁଶୀୟ ମୃତ୍ୟୁ ଭୋଗିଥିଲେ ତାହାଙ୍କ ନାମ ଧାରଣ କରୁ । ତାହାଙ୍କ ଦତ୍ତ ଆଜ୍ଞାନୁଯାୟୀ ତାହାଙ୍କ ନାମରେ ବାପ୍ତିଜିତ ନ ହୋଇ ତାହାଙ୍କ ନାମ ଧାରଣ କରିବା ନିମନ୍ତେ ମନୁଷ୍ୟମାନଙ୍କୁ ଅଧିକାର ଦିଆଯାଇନାହିଁ ।

୬)　　ମତଶାଖୀୟ ନାମଗୁଡ଼ିକ ପରମେଶ୍ୱରଙ୍କ ପ୍ରକାଶିତ ଇଚ୍ଛାରେ ମନୁଷ୍ୟର ସ୍ୱଇଚ୍ଛା ଯୋଗ କରାଯାଏ, ଯାହା ନ କରିବା ପାଇଁ ଆମ୍ଭେ ପ୍ରକାଶିତ ୨୨:୧୮ ଓ ୧୯ ପଦରେ ଆଜ୍ଞାପିତ ହୋଇଅଛୁ ।

୭)　　''କେହି ଯଦି ପ୍ରଚାର କରେ, ତେବେ ସେ ଈଶ୍ୱରଙ୍କ ବାକ୍ୟର ପ୍ରଚାରକ ପରି ପ୍ରଚାର କରୁ, କେହି ଯଦି ସେବା କରେ, ତେବେ ସେ ଈଶ୍ୱରଙ୍କ ଠାରୁ ଶକ୍ତିପ୍ରାପ୍ତ ଲୋକ ପରି ସେବା କରୁ, କିନ୍ତୁ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱର ଗୌରବାନ୍ୱିତ ହେବେ, ଯୁଗେ ଯୁଗେ ଗୌରବ ଓ ପରାକ୍ରମ ତାହାଙ୍କର ଆମେନ୍ ।'' (୧ମ ପିତର ୪:୧୧)

ମତଶାଖା ନାମ ଧାରଣ କରିବାର ଅଜ୍ଞାନତା ବିଷୟରେ ଏହି ସବୁ କାରଣରୁ ଆମ୍ଭେମାନେ ଜାଣିପାରୁ ।

**ନୂତନ ନାମ :-** ''ସେମାନଙ୍କୁ ଆମ୍ଭେ ଆମ୍ଭ ଗୃହ ମଧ୍ୟରେ ଓ ଆମ୍ଭ ପ୍ରାଚୀର ଭିତରେ ପୁତ୍ର କନ୍ୟା ଅପେକ୍ଷା ଉତ୍ତମ ସ୍ମରଣାର୍ଥକ ସ୍ତମ୍ଭ ଓ ନାମ ଦେବା, ଆମ୍ଭେ ସେମାନଙ୍କୁ ଅନନ୍ତକାଳ ସ୍ଥାୟୀ ନାମ ଦେବା, ତାହା କଟା ହେବ ନାହିଁ ।'' (ଯିଶାଇୟ ୫୬:୫)

''ପୁଣି, ଅନ୍ୟ ଦେଶୀୟମାନେ ତୁମ୍ଭର ଧର୍ମ ଓ ସକଳ ରାଜା ତୁମ୍ଭର ପ୍ରତାପ ଦେଖିବେ, ଆଉ ତୁମ୍ଭେ ସଦାପ୍ରଭୁଙ୍କ ମୁଖ ଦ୍ୱାରା ଏକ ନୂତନ ନାମରେ ଖ୍ୟାତ ହେବ ।'' (ଯିଶାଇୟ ୬୨:୨)

''ପୁଣି, ତୁମ୍ଭେମାନେ ଆମ୍ଭ ମନୋନୀତ ଲୋକମାନଙ୍କ ନିକଟରେ ତୁମ୍ଭମାନଙ୍କର ନାମ ଶାପାସ୍ପଦ ରୂପେ ଲେଖା ଯିବ ଓ ପ୍ରଭୁ ସଦାପ୍ରଭୁ ତୁମ୍ଭକୁ ବଧ କରିବେ, ଆଉ ସେ ଆପଣା ଦାସମାନଙ୍କୁ ଅନ୍ୟ ନାମରେ ଖ୍ୟାତ କରିବେ ।'' (ଯିଶାଇୟ ୬୫:୧୫)

ଉପରୋକ୍ତ ଭବିଷ୍ୟଦବାଣୀ ଗୁଡ଼ିକରୁ କେତୋଟି ସତ୍ୟତା ଜାଣିପାରିଲୁ । ଯଥା:-

୧)　　ଈଶ୍ୱରଙ୍କ ଗୃହସ୍ଥିତ ମନୁଷ୍ୟମାନଙ୍କୁ ସେହି ନୂତନ ନାମ ଦତ୍ତ ହେବାର ଥିଲା ।

୨)　　ସଦାପ୍ରଭୁଙ୍କ ମୁଖ ଦ୍ୱାରା ଏହି ନୂତନ ନାମ ଦତ୍ତ ହେବାର ଥିଲା । ଅର୍ଥାତ୍ ଏହି ନୂତନ ନାମ ସଦାପ୍ରଭୁଙ୍କ ବ୍ୟତୀତ ଅନ୍ୟ କୌଣସି ମାନବ ବା ଶୟତାନ ଠାରୁ ଆଗତ ହେବାର ନ ଥିଲା ।

୩)  ଅନ୍ୟଦେଶୀୟମାନେ ପରମେଶ୍ୱରଙ୍କ ଧର୍ମ ଓ ପ୍ରତାପ ଦେଖିବା ପରେ ସେହି ନୂତନ ନାମ ପ୍ରଦତ୍ତ ହେବାର ପ୍ରତିଜ୍ଞା କରାଯାଇଥିଲା ।

୪)  ସେହି ନାମ ପୁତ୍ର ଓ କନ୍ୟା ଅପେକ୍ଷା ଉତ୍ତମ ସ୍ମରଣାର୍ଥକ ନାମ ।

ଏହି ଭବିଷ୍ୟଦ୍‌ବାଣୀଗୁଡ଼ିକର ସଫଳତା ନୂତନ ନିୟମରେ ଆମ୍ଭେମାନେ ପଢ଼ିପାରିଥାଉ । ''....ଆମ୍ଭେ ତୁମ୍ଭମାନଙ୍କ ସହିତ ଏକ ନିତ୍ୟସ୍ଥାୟୀ ନିୟମ, ଅର୍ଥାତ୍ ଦାଉଦଙ୍କ ପ୍ରତି ନିଶ୍ଚିତ ଦୟା ସ୍ଥିର କରିବାର ସଫଳତା ଆମ୍ଭେମାନେ ପ୍ରେରିତ ୧୩:୩୪ ପଦରେ ପଢ଼ିପାରୁ । ''ସେ ସମସ୍ତଙ୍କୁ ଆମ୍ଭେ ଆପଣା ପବିତ୍ର ପର୍ବତକୁ ଆଣିବା ଓ ଆମ୍ଭର ପ୍ରାର୍ଥନା ଗୃହରେ ସେମାନଙ୍କୁ ଆନନ୍ଦିତ କରିବା ସେମାନଙ୍କର ହୋମବଳି ଓ ପ୍ରାୟଶ୍ଚିତ ବଳିସବୁ ଆମ୍ଭ ଯଜ୍ଞ ଉପରେ ଗ୍ରାହ୍ୟ ହେବ । କାରଣ ଆମ୍ଭର ସର୍ବଗୋଷ୍ଠୀୟ ଲୋକଙ୍କର ପ୍ରାର୍ଥନା - ଗୃହ ବୋଲି ଖ୍ୟାତ ହେବ । ଏହି, ବାକ୍ୟ ଯୀଶୁ ମାର୍କ ୧୧:୧୭ ପଦରେ ବ୍ୟବହାର କରିବା ପଢ଼ିଥାଉଁ । ଏଠାରେ ଯେଉଁ ସମୟ ବିଷୟରେ କୁହାଯାଏ, ସେହି ସମୟରେ ବିଜାତୀୟମାନେ ମଧ୍ୟ ଈଶ୍ୱରଙ୍କ ଅନୁଗ୍ରହରେ ଅନ୍ତର୍ଭୁକ୍ତ ହେବେ । ଏବେ ସେହି ଭାବବାଣୀର ସଫଳତା ବିଷୟରେ ଆମ୍ଭେମାନେ ନୂତନ ନିୟମରେ ପଢ଼ିପାରୁଥାଉଁ ।

ନୂତନ ନାମ ବିଷୟକ ଭବିଷ୍ୟଦ୍‌ବାଣୀର ସଫଳ ନୂତନ ବିଷୟରେ ପଢ଼ିଥାଉଁ ।

୧)  ଈଶ୍ୱରଙ୍କ ଗୃହସ୍ଥ ମନୁଷ୍ୟମାନଙ୍କ ସେହି ନାମ ଦତ୍ତ ହେବାର ଥିଲା ଓ ତୀମଥି ୩:୧୫ ଅନୁଯାୟୀ ମଣ୍ଡଳୀ ଈଶ୍ୱରଙ୍କ ଗୃହ ଅଟେ । ମଣ୍ଡଳୀର ସଭ୍ୟଗଣ ଖ୍ରୀଷ୍ଟିୟାନ ନାମରେ ଖ୍ୟାତ ହେଲେ ।

୨)  ନୂତନ ନାମର ଦତ୍ତ ପରେ ପୁରାତନ ନାମ ଲୋପ ପାଇଅଛି ।

(କ) ଯଦିଓ ଦାଉଦ କହିଲେ ''ଦେଖ ଭାଇମାନେ ମିଳନରେ ଏକତ୍ର ବାସ କରିବା କିପରି ଉତ୍ତମ ଓ ମନୋହର ।'' ଏହି ନୂତନ ନାମ 'ଭାତୃବୃନ୍ଦ' ନୁହେଁ ।

ଖ) ପୁନର୍ବାର ଗୀତ ୧୧୬:୧୫ ପଦରେ ଦାଉଦ କହିଲେ ''ସଦାପ୍ରଭୁଙ୍କ ଦୃଷ୍ଟିରେ ତାହାଙ୍କ ସଦ୍‌ଭକ୍ତ ମାନଙ୍କ ମରଣ ବହୁମୂଲ୍ୟ ଅଟେ ।'' ସେହି ନୂତନ ନାମ ''ସଦ୍‌ଭକ୍ତ'' ନୁହେଁ ।

ଗ) ଯିଶାଇୟ କହିଲେ, "ତୁମ୍ଭେ ଏହି ପ୍ରମାଣ ବାନ୍ଧ, ମୋ ଶିଷ୍ୟମାନଙ୍କ ମଧ୍ୟରେ ବ୍ୟବସ୍ଥା ମୁଦ୍ରାଙ୍କିତ କର ।" (୮:୬) । କିନ୍ତୁ ସେହି ନୂତନ ନାମ 'ଶିଷ୍ୟ' ନୁହେଁ ।

ଘ) "ସଦାପ୍ରଭୁ କହନ୍ତି, ତୁମ୍ଭେମାନେ ଯେପରି ଜାଣି ଆମ୍ଭ ଠାରେ ବିଶ୍ୱାସ କରିବ ଓ ଆମ୍ଭେ ସେହି ଅଟୁ ବୋଲି ବୁଝିବ, ଏଥିପାଇଁ ତୁମ୍ଭେମାନେ ଆମ୍ଭର ସାକ୍ଷୀ ଓ ଆମ୍ଭର ମନୋନୀତ ଦାସ ଅଟ, ଆମ୍ଭ ପୂର୍ବରେ କୌଣସି ଈଶ୍ୱର ନିର୍ମିତ ନୋହିଲା, କିଅବା ଆମ୍ଭ ଉତ୍ତାରେ ନୋହିବ ।" (ଯିଶାଇୟ ୪୩:୧୦) ତଥାପି ନୂତନ ନାମ 'ଯିହେବା ସାକ୍ଷୀ' ନୁହେଁ ।

ଏହି ନୂତନ ନାମ ସଦାପ୍ରଭୁଙ୍କ ମୁଖ ଦ୍ୱାରା ପ୍ରକଟ ହେବାର ଥିଲା । ଅର୍ଥାତ୍ ସଦାପ୍ରଭୁଙ୍କ ଇଚ୍ଛା ବିନୁ ପ୍ରଚଳିତ ନାମଗୁଡ଼ିକ ବ୍ୟର୍ଥ ଅଟେ ।

ବିଜାତିମାନେ ଅନୁଗ୍ରହ ପ୍ରାପ୍ତ ହେବା ପରେ ଏହି ନାମ ଦତ୍ତ ହେବାର ଥିଲା । ପ୍ରେରିତ ୧୦ମ ଅଧ୍ୟାୟରେ ବର୍ଣ୍ଣିତ ବିଜାତି କର୍ଣ୍ଣଲୀୟ ଓ ତାହାଙ୍କ ପରିବର୍ତ୍ତନ ପରେ ଆନ୍ତୟଖିଆରେ ଶିଷ୍ୟମାନେ 'ଖ୍ରୀଷ୍ଟିୟାନ' ରୂପେ ପରିଚିତ ହେଲେ । "ପରେ ସେ ଶାଉଲଙ୍କୁ ଖୋଜିବା ପାଇଁ ତାର୍ଷକୁ ବାହାରିଗଲେ । ପୁଣି, ସେ ତାଙ୍କୁ ପାଇ ଅନ୍ତୟଖିଆକୁ ଘେନି ଆସିଲେ । ସେମାନେ ସମ୍ପୂର୍ଣ୍ଣ ଏକବର୍ଷ ପର୍ଯ୍ୟନ୍ତ ମଣ୍ଡଳୀର ସହିତ ରହି ଅନେକଙ୍କୁ ଶିକ୍ଷା ଦେଲେ, ପୁଣି ଆନ୍ତିୟଖିଆରେ ଶିଷ୍ୟମାନେ ପ୍ରଥମରେ ଖ୍ରୀଷ୍ଟିୟାନ ବୋଲି ଅଖ୍ୟାତ ହେଲେ ।" (ପ୍ରେରିତ ୧୧:୨୫, ୨୬) ଏହି ନାମ ବାଇବଲ ଇତିହାସରେ ତଥା ଜାଗତିକ ଇତିହାସରେ ଏକ ନୂତନ ନାମ ।

ଖ୍ରୀଷ୍ଟଙ୍କ ଅନୁକାରୀମାନେ ଏହି ଧାରଣା କରୁଥିଲେ ଓ ଅନ୍ୟମାନଙ୍କୁ ଏହି ନାମ ବହନ କରିବା ନିମନ୍ତେ ଉତ୍ସାହିତ କରୁଥିଲେ । "ହେ ରାଜନ୍ ଅଗ୍ରିପ୍ପା, ଆପଣ କଅଣ ଭାବବାଦୀମାନଙ୍କୁ ବିଶ୍ୱାସ କରନ୍ତି ? ଆପଣ ବିଶ୍ୱାସ କରନ୍ତି ବୋଲି ମୁଁ ଜାଣେ । ସେଥିରେ ଅଗ୍ରିପ୍ପା ପାଉଲଙ୍କୁ କହିଲେ, ଅଳ୍ପ କଥାରେ ତ ତୁମ୍ଭେ ଆମ୍ଭଙ୍କୁ ଖ୍ରୀଷ୍ଟିୟାନ କରିପାର ବୋଲି ମନେ କରୁଅଛି । ପାଉଲ କହିଲେ, ଅଳ୍ପରେ ହେଉ କି ବହୁତରେ ହେଉ, କେବଳ ଆପଣ ନୁହନ୍ତି, ମାତ୍ର ଯେତେ ଲୋକ ଆଜି ମୋର କଥା

ଶୁଣୁଅଛନ୍ତି, ଯେପରି ସେମାନେ ସମସ୍ତେ ସୁଦ୍ଧା ଏହି ବନ୍ଧନ ବିନା ମୋହରି ପରି ହୁଅନ୍ତି, ଏହା ମୁଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛି । (ପ୍ରେରିତ ୨୬:୨୭-୨୯) । ପାଉଲ ନିଜେ ଖ୍ରୀଷ୍ଟିୟାନ ନାମ ବହନ କରିଥିଲେ ଓ ରାଜାଙ୍କୁ ଖ୍ରୀଷ୍ଟିୟାନ ହେବାର ଉତ୍ସାହିତ କରିଥିଲେ ।

ତାହାଙ୍କ ଅନୁକାରୀମାନେ ତାହାଙ୍କ ନାମ ଗୌରବାନ୍ୱିତ କରିବା ଆବଶ୍ୟକ । ''ଏଣୁ ତୁମ୍ଭମାନଙ୍କ ମଧ୍ୟରୁ କେହି ହତ୍ୟାକାରୀ କି ଚୋର କି ଦୂରାଚାରୀ କି ଅନଧିକାର ଚର୍ଚ୍ଚାକାରୀ ହୋଇ ଦଣ୍ଡ ଭୋଗ କରେ, ତାହାହେଲେ ସେ ଲଜ୍ଜାବୋଧ ନ କରୁ ବରଂ ଏହି ନାମ ହେତୁରୁ ଈଶ୍ୱରଙ୍କ ମହିମା କୀର୍ତ୍ତନ କରୁ । (୧ମ ପିତର ୪:୧୫,୧୬)

ନୂତନ ନାମର ବିଶିଷ୍ଟତା :

(୧) ଯେତେଥର 'ଖ୍ରୀଷ୍ଟିୟାନ' ନାମ ଉଚ୍ଚାରିତ ହୁଏ, ସେତେଥର ଖ୍ରୀଷ୍ଟଙ୍କ ନାମ ଗୌରବାନ୍ୱିତ ହୁଏ, କାରଣ 'ଖ୍ରୀଷ୍ଟିୟାନ' ନାମରେ ହିଁ ଖ୍ରୀଷ୍ଟଙ୍କ ନାମ ଜଡ଼ିତ । (୨) ଏହି ନାମରେ ହିଁ ଖ୍ରୀଷ୍ଟ ଜଗତରେ ଏକତା ଅଣାଯାଇପାରେ । ବିଭିନ୍ନ ମତଶାଖୀୟ ନାମ ବହନ କରିବାରେ ଖ୍ରୀଷ୍ଟ ଜଗତରେ ବିଭେଦ ଜନ୍ମିଅଛି । (୩) ଏହି ନାମ ବିଶ୍ୱାସରେ ବହନ କରାଯାଏ । (୪) ଏହି ନାମ ଦ୍ୱାରା ପରମେଶ୍ୱର ଗୌରବାନ୍ୱିତ ହୁଅନ୍ତି । (୧ମ ପିତର ୪:୧୬) (୫) ଯାକୁବ ୨:୭ ପଦରେ ଲେଖାଯାଏ ''ଯେଉଁ ମହତ ନାମରେ ତୁମ୍ଭେମାନେ ଖ୍ୟାତ, ସେମାନେ କଅଣ ସେହି ନାମର ନିନ୍ଦା କରନ୍ତି ନାହିଁ ।'' ଅତଏବ ଏହି ନୂତନ ନାମ ଏକ ମହତ ନାମ । (୬) ''ଖ୍ରୀଷ୍ଟିୟାନ'' ନାମ ବହନକାରୀ ମନୁଷ୍ୟମାନେ ଖ୍ରୀଷ୍ଟଙ୍କ ଠାରେ ସଂଯୁକ୍ତ ଅଟନ୍ତି ।

ନୂତନ ନିୟମରେ ଖ୍ରୀଷ୍ଟିୟାନମାନଙ୍କ ବିଷୟ ଏପରି କୁହାଯାଏ :-

୧) ସେମାନେ ଖ୍ରୀଷ୍ଟଙ୍କର ଅଟନ୍ତି । (୧ମ କରିନ୍ଥୀ ୬:୧୯, ୨୦, ୧ମ ପିତର ୧:୧୮, ୧୯) ।

୨) ତାହାଙ୍କ ନାମରେ ବାପ୍ତିଜିତ ହେବା ପ୍ରତ୍ୟେକ ତାହାଙ୍କୁ ଧାରଣ କରିଅଛନ୍ତି । (୧ମ କରିନ୍ଥୀ ୧:୧୨)

୩)	ବାକ୍ୟ ଶ୍ରବଣ କରି, ବିଶ୍ୱାସ କରି, ମନ ପରିବର୍ତ୍ତନ କରି, ଈଶ୍ୱରଙ୍କ ପୁତ୍ର ରୂପେ ଯୀଶୁଖ୍ରୀଷ୍ଟଙ୍କୁ ସ୍ୱୀକାର କରି ବାପ୍ତିଜିତ ହୁଅନ୍ତି, ସେମାନେ ଖ୍ରୀଷ୍ଟଙ୍କ ଦ୍ୱାରା ତାହାଙ୍କ ମଣ୍ଡଳରେ ସଂଯୁକ୍ତ ହୁଅନ୍ତି । (ପ୍ରେରିତ ୨:୪୭)

୪)	ସେମାନେ ଜଗତ ଓ ତନ୍ମଧ୍ୟସ୍ଥିତ ପାପ, ପ୍ରତି ମୃତ ଓ ଧାର୍ମିକତା ପ୍ରତି ଜୀବିତ ଅଟନ୍ତି । (ରୋମୀୟ ୬:୨) ।

୫)	ସେମାନେ ନୂତନ ଜୀବନ ଯାପନ କରିବା ନିମନ୍ତେ ତାହାଙ୍କ ମୃତ୍ୟୁ ସମାଧି, ପୁନଃରୁଥାନର ସାଦୃଶ୍ୟରେ ବାପ୍ତିସ୍ମରେ ବାପ୍ତିଜିତ ହୋଇଥାନ୍ତି ।

୬)	ତାହାଙ୍କ ପ୍ରକଟ ଆଜ୍ଞାନୁଯାୟୀ ତାହାଙ୍କ ଆରାଧନା କରନ୍ତି । (ପ୍ରେରିତ ୨:୪୨, ୨୦:୮, ଏଫିସୀ ୫:୧୯) ।

୭)	ସେମାନେ ଖ୍ରୀଷ୍ଟଙ୍କ ପ୍ରକୃତ ଅନୁସରଣକାରୀ ହୋଇ, ଆପଣା ଜୀବନ ଖ୍ରୀଷ୍ଟଙ୍କ ନିମନ୍ତେ ଯାପନ କରି, ତାହାଙ୍କ ସହିତ ସ୍ୱର୍ଗରେ ନିରନ୍ତର ବଞ୍ଚିବାର ଭରସା ରଖନ୍ତି । (୧ମ ଯୋହନ ୩:୨)

ଶିଷ୍ୟ, ସାଧୁ, ଈଶ୍ୱରଙ୍କ ପୁତ୍ରଗଣ, ପଥିକ, ଭ୍ରାତୃଗଣ, ଶରୀର ସଭ୍ୟ, ପବିତ୍ର ଦେଶ, ମନୋନୀତ ଗୋଷ୍ଠୀ, ବିଶ୍ୱାସୀ ଈଶ୍ୱରଙ୍କ ପ୍ରିୟ ପ୍ରଭୃତି ଖ୍ରୀଷ୍ଟିୟାନମାନଙ୍କୁ ବୁଝାଏ । ଏହି ନାମ ଗୁଡ଼ିକରେ ଖ୍ରୀଷ୍ଟିୟାନମାନଙ୍କ ବ୍ୟକ୍ତିତ୍ୱ, ଅଧିକାର ଓ ଆଶୀଷଗୁଡ଼ିକ ବର୍ଣ୍ଣନା କରେ । ଏହିସବୁ ନାମଗୁଡ଼ିକରେ ସଂଶ୍ଳିଷ୍ଟରେ ଆମ୍ଭେମାନେ "ଖ୍ରୀଷ୍ଟିୟାନ" ନାମ ପାଇପାରୁ ।

ତେଣୁକରି ଖ୍ରୀଷ୍ଟଙ୍କ ବିଶ୍ୱସ୍ତ ଅନୁକରଣକାରୀମାନେ ସେମାନଙ୍କ ରକ୍ଷକ,ପାଳକ, ଯାଜକ, ରାଜା ଓ ତ୍ରାଣକର୍ତ୍ତାଙ୍କ ନାମରେ ପରିଚିତ ହେବାର ଦ୍ୱିଧାବୋଧ କରନ୍ତି ନାହିଁ । ଯେତେଥର ଏହି ନାମ ଉଚ୍ଚାରିତ ହୁଏ, ସେତେଥର ଆମ୍ଭମାନଙ୍କ ନିମନ୍ତେ କ୍ରୁଶରେ ହତପ୍ରିୟ ପ୍ରଭୁଙ୍କ ନାମ ଗୌରବାନ୍ୱିତ କରେ ।

ଆପଣ କି ଏତେ ସୁନ୍ଦର ଆଶୀଷଯୁକ୍ତ ନାମ ଧାରଣ କରିଅଛନ୍ତି ? ଯଦି ନୁହେଁ, ତାହାଙ୍କ ଆଜ୍ଞାକାରୀ ହୋଇ ଖ୍ରୀଷ୍ଟଙ୍କ ମଣ୍ଡଳୀରେ ସଂଯୁକ୍ତ ହୁଅ । ଖ୍ରୀଷ୍ଟିୟାନ ନାମ ଧାରଣ କରିବା ଠାରୁ ସୌଭାଗ୍ୟର ବିଷୟ ଆଉ କଅଣ ଅଛି ?

**- A.G. Hobbs**

# Every Child Will Follow Someone

**Earlene Rose**

Every child will follow someone,
We never know just whose
Life will be his pattern;
Whose examples he will use.

A son may mimic father,
Try to copy how he walks;
Listen to his father's stories;
Use his language when he talks.

A daughter may use mother
To set her standards by,
And things she sees her mother do
Are things she wants to try.

Whether relative or neighbor,
A pattern you may be.
Every child will follow someone,
And it might be you or me.

1. **Of our relationship to the Lord and His church.** We should not be negligent in our attendance. Faithful attendance is a pre-requisite to spiritual growth and the first sign of spiritual decline is negligence in attendance. We should not be negligent to give as we have prospered (1 Corinthians 16:2) and to work to build up the church numerically and spiritually. This can be done partly by shining as lights (Matthew 5:16; Philippians 2:15). We should not be negligent to pray for the church. Those who neglect their relationship to the Lord and His church neglect the "great salvation" and there is no escape from punishment for those who do (Hebrews 2:3).

2. **Of the spiritual needs of our families.** Parents are responsible for the spiritual training of their children (Ephesians 6:4). Neglect in doing this while the children are young will surely surface in later life. Very few parents neglect the secular education of their children, but neglect their spiritual training. Timothy was taught the Holy Scriptures from childhood (2 Timothy 3:13,14; 1:15). Many children are a grief of mind to parents in their old age because they neglected the spiritual training of their children while they were young. A major part of this training is to set the proper example. May God help parents to realize that children are "a heritage of the Lord" (Psalm 127:3), and not neglect their spiritual training.

3. **Of the physical needs of our families.** He who does is worse than an infidel and has denied the faith (1 Timothy 5:8). This would include supplying the needs of our parents in their old age (1 Timothy 5:4). What Bible student can forget our Lord's commission to the apostle John from the cross in behalf of His mother (John 19:26,27).

Of the things we have attempted to say in the foregoing, this is the sum: I will not be negligent of the great salvation, because if I am, there is no escape from punishment (Hebrews 2:3)

- W.DOUGRASS HARRIS

***Printed Book Only***

From :

SATYA VANI
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)